ଶ୍ରୀମତୀ ଭେନମତି ସେଲଭାମ

ବନାମ

ତାମିଲନାଡୁ ରାଜ୍ୟ ଓ ଅନ୍ୟଜଣେ

ଜୁନ 10, 1998

[ ଜି.ଟି. ନାନାବତୀ ଏବଂ ଏସ୍. ସାଘିର ଅହମ୍ମଦ ନ୍ୟାୟମୂର୍ତ୍ତିଦ୍ୱୟ ]

*ତାମିଲନାଡୁ ଚୋରାମଦ ବେପାରୀ, ନିଶାଦ୍ରବ୍ୟ ବେପାରୀ, ବନ୍ୟଦ୍ରବ୍ୟ ଚୋରାଚାଲାଣକାରୀ, ଗୁଣ୍ଡା, ଅନୈତିକ ମାନବ ଚାଲାଣକାରୀ ଏବଂ ବସ୍ତି ଜବରଦଖଲକାରୀଙ୍କ ବିପଦଜନକ କାର୍ଯ୍ୟକଳାପ ପ୍ରତିରୋଧ ଅଧିନିୟମ, 1982 - ପ୍ରତିଷେଧକ ଅଟକ -ଅଟକବନ୍ଦୀଙ୍କ ଦ୍ୱାରା ନିବେଦନ କରିବା- ଏହାକୁ ବିଚାର କରିବାରେ ସରକାରଙ୍କ ଦ୍ୱାରା ବିଳମ୍ବ- ବିଳମ୍ବ, ଯଦିଓ ଅଳ୍ପ ସମୟ ପାଇଁ, ବ୍ୟାଖ୍ୟା କରାଯାଇ ନାହିଁ-ଅବ୍ୟକ୍ତ ବିଳମ୍ବ ଅଯୌକ୍ତିକ ଅଟେ -କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁଁ କ୍ରମାଗତ ଅଟକ ରଖିବା, ବେଆଇନ ଅଟେ - ଅଟକ ଆଦେଶକୁ ବାତିଲ କରାଗଲା ।*

**ପୋଲିସ ଆୟୁକ୍ତ 1982 ଅଧିନିୟମ ଅନୁଯାୟୀ ଆବେଦନକାରୀଙ୍କ ସ୍ୱାମୀଙ୍କୁ ଅଟକ ରଖିବା ପାଇଁ ଏକ ଆଦେଶ ପାରିତ କରିଥିଲେ । ଉଚ୍ଚ ନ୍ୟାୟାଳୟ ଆବେଦନକାରୀଙ୍କ ଆବେଦନକୁ ଖାରଜ କରିଦେଇଥିଲେ । ତେଣୁ ଏହି ଆବେଦନ ।**

**ଏହି ନ୍ୟାୟାଳୟ ଆବେଦନକୁ ଅନୁମତି ଦେଇ,**

**ନିର୍ଣ୍ଣୟ କରିଥିଲେ :1. ଅଟକବନ୍ଦୀ ଜଣକ 7.10.97 ତାରିଖରେ ଏକ ନିବେଦନ କରିଥିଲେ । ରାଜ୍ୟ ସରକାରଙ୍କୁ 15.10.97 ଏବଂ 10.11.97 ମଧ୍ୟରେ ନିବେଦନ ସହିତ କିପରି କାର୍ଯ୍ୟ କରିଥିଲେ, ତାହା ବ୍ୟାଖ୍ୟା କରିବାକୁ କୁହାଯାଇଥିଲା । 17.10.97 ରେ ଅଟକ ରଖିଥିବା କର୍ତ୍ତୃପକ୍ଷଙ୍କ ମନ୍ତବ୍ୟ ଆହ୍ୱାନ କରିବା ବ୍ୟତୀତ, ସରକାର କାହିଁକି ଅଟକ ରଖିଥିବା କର୍ତ୍ତୃପକ୍ଷଙ୍କ ମନ୍ତବ୍ୟ ଆହ୍ୱାନ କରିବା ଆବଶ୍ୟକ ହୋଇଗଲା ତାହା ବ୍ୟାଖ୍ୟା କରିବାରେ ବିଫଳ ହୋଇଛନ୍ତି । 12.5.98ରେ ନ୍ୟାୟାଳୟ ଦ୍ୱାରା ଉତ୍ତରଦାତାମାନଙ୍କୁ S.L.P.ରେ ଉଠାଯାଇଥିବା ଯୁକ୍ତିଗୁଡିକର ପ୍ରତିବାଦରେ ଏକ ପ୍ରତି- ସତ୍ୟପାଠ ଦାଖଲ କରିବା ପାଇଁ ସୁଯୋଗ ଦିଆଯିବା ପରେ ମଧ୍ୟ ସରକାର କୌଣସି ପ୍ରତିବାଦ ଦାଖଲ କରିବାରେ ବିଫଳ ହୋଇଛନ୍ତି ଏବଂ କାହିଁକି ସେ ଅଟକ ରଖିଥିବା କର୍ତ୍ତୃପକ୍ଷଙ୍କ ମନ୍ତବ୍ୟ ପାଇଁ ଆହ୍ୱାନ କରିଛି ଏବଂ 21.10.97 ରୁ 10.11.97 ପର୍ଯ୍ୟନ୍ତ ଅଟକବନ୍ଦୀ ବ୍ୟକ୍ତିଙ୍କ ନିବେଦନକୁ ବିଚାରକୁ ନ ନେବାର କାରଣ କ'ଣ ଥିଲା ତାହା ବୁଝାଇବାରେ ବିଫଳ ହୋଇଛନ୍ତି । ଯଦିଓ ବିଳମ୍ବ ବହୁତ ଦିନର ନୁହେଁ, ତଥାପି ଏହା ଅସ୍ପଷ୍ଟ ହୋଇ ରହିଛି । ଯଦିଓ ବିଳମ୍ବ ନିଜେ ଘାତକ ନୁହେଁ, ତଥାପି ଯେଉଁ ବିଳମ୍ବ ଅବ୍ୟକ୍ତ ରହିଥାଏ ତାହା ଅଯୌକ୍ତିକ ହୋଇଯାଏ । ଏହା ସୁପରିଚିତ ଆଇନଗତ ସ୍ଥିତି ସତ୍ତ୍ୱେ ରାଜ୍ୟ ସରକାର ଯଥାସମ୍ଭବ ଅଟକ ବନ୍ଦୀ ଙ୍କ ନିବେଦନକୁ ସହିତ ଯଥାଶୀଘ୍ର କାର୍ଯ୍ୟ କରିଥିବା ସନ୍ତୋଷଜନକ ଭାବରେ ବ୍ୟାଖ୍ୟା କରିବାରେ ବିଫଳ ହୋଇଛନ୍ତି । ଏହା ଦେଖାଯାଉଛି ଯେ ପ୍ରତିଷେଧକ ଅଟକ ପ୍ରସଙ୍ଗରେ ସଠିକ୍ ଆଇନଗତ ସ୍ଥିତି ଏବଂ ଏହାର ଦାୟିତ୍ୱ ବିଷୟରେ ଅଣଦେଖା କରି ଏହା ନିୟମିତ ଭାବରେ ଅଟକ ବନ୍ଦୀଙ୍କ ନିବେଦନ ସହିତ କାର୍ଯ୍ୟ କରିଛି । ସରକାରଙ୍କ ଏହି**

**ଉଦାସୀନତା ଅଟକ ବନ୍ଦୀ ଙ୍କୁ କ୍ରମାଗତ ଅଟକ ରଖିବା ଅବୈଧ ହେବାର କାରଣ ଅଟେ । [527- F- H; 528- A-C]**

ଅପରାଧିକ ଆବେଦନ କ୍ଷେତ୍ରାଧିକରିତା : ଅପରାଧିକ ଆବେଦନ ସଂଖ୍ୟା 629/1998 ।

H.C.P. ସଂଖ୍ୟା 998/1997ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ 18.2.98 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପକ୍ଷରୁ କେ. କେ. ମଣି ।

ଉତ୍ତରଦାତାମାନଙ୍କ ପକ୍ଷରୁ  ଏମ୍.ଏନ୍. କ୍ରିଷ୍ଣାମଣି, ଟି. ରାଜା ଏବଂ ଭି.ଜି. ପ୍ରଗାସମ ।

ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା

ନ୍ୟାୟାଧୀଶ ନାନାବତୀଙ୍କ ଦ୍ୱାରା । ଅନୁମତି ପ୍ରଦାନ କରାଗଲା । ପକ୍ଷମାନଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କୁ ଶୁଣାଗଲା ।

ଆବେଦନକାରୀ ହେଉଛନ୍ତି ସେଲଭମ ନାମକ ଜଣେ ବ୍ୟକ୍ତିଙ୍କ ପତ୍ନୀ, ଯାହାଙ୍କୁ ତାମିଲନାଡୁ ଚୋରାମଦ ବେପାରୀ, ନିଶାଦ୍ରବ୍ୟ ବେପାରୀ, ବନ୍ୟଦ୍ରବ୍ୟ ଚୋରାଚାଲାଣକାରୀ, ଗୁଣ୍ଡା, ଅନୈତିକ ମାନବ ଚାଲାଣକାରୀ ଏବଂ ବସ୍ତି ଜବରଦଖଲକାରୀଙ୍କ ବିପଦଜନକ କାର୍ଯ୍ୟକଳାପ ପ୍ରତିରୋଧ ଅଧିନିୟମ, 1982 ଅନୁଯାୟୀ ଗୁଣ୍ଡା ଭାବେ ଅଟକ ରଖାଯାଇଛି । ଚେନ୍ନାଇ ସହରର ପୋଲିସ ଆୟୁକ୍ତ, ସେଲଭାମଙ୍କୁ ସାର୍ବଜନୀନ ଶୃଙ୍ଖଳା ରକ୍ଷା ପାଇଁ କ୍ଷତିକାରକ କାର୍ଯ୍ୟକଳାପରେ ଜଡିତ ବୋଲି ସନ୍ତୁଷ୍ଟ ହୋଇ ଏବଂ ତାଙ୍କୁ ଉକ୍ତ କ୍ଷତିକାରକ ଉପାୟରେ କାର୍ଯ୍ୟ କରିବାରୁ ରୋକିବା ପାଇଁ ତାଙ୍କୁ ଅଟକ ରଖିବା ଆବଶ୍ୟକ ବୋଲି କହି, 23.8.97 ତାରିଖରେ ଏକ ଅଟକ ଆଦେଶ ପାରିତ କରିଥିଲେ ।

ଆବେଦନକାରୀ ମାଡ୍ରାସ ଉଚ୍ଚ ନ୍ୟାୟାଳୟରେ ସେହି ଆଦେଶକୁ ଆପତ୍ତି କରିଥିଲେ କିନ୍ତୁ ତାଙ୍କର ଆବେଦନ ବିଫଳ ହୋଇଥିଲା । ତେଣୁ ସେ ଏହି ଆବେଦନ ଦାୟର କରିଛନ୍ତି ।

ଆବେଦନକାରୀଙ୍କ ପକ୍ଷରୁ ବିଜ୍ଞ ଅଧିବକ୍ତାଙ୍କ ଯୁକ୍ତି ହେଉଛି ଯେ ସରକାରଙ୍କ ପକ୍ଷରୁ ଅଟକ ରଖାଯାଇଥିବା ବ୍ୟକ୍ତିଙ୍କ ଆବେଦନ ବିଚାର କରିବାରେ ଅଯଥା ବିଳମ୍ବ ହୋଇଥିଲା ଏବଂ ସେଥିପାଇଁ, ତାଙ୍କର ନିରନ୍ତର ଅଟକ ରଖିବା ଅବୈଧ ଅଟେ । ଅଟକବନ୍ଦୀ ବ୍ୟକ୍ତି ଜଣକ 7.10.97ରେ ଏକ ଆବେଦନ କରିଥିଲେ । ରାଜ୍ୟପାଳଙ୍କ ସଚିବାଳୟ ଏହାକୁ 14.10.97ରେ ଗ୍ରହଣ କରିଥିଲା । ଏହାକୁ 15.10.97 ତାରିଖରେ ସରକାରଙ୍କ ନିକଟକୁ ପଠାଯାଇଥିଲା । ଏଥିରେ 17.10.97 ରେ ଅଟକ ରଖିଥିବା କର୍ତ୍ତୃପକ୍ଷଙ୍କ ମନ୍ତବ୍ୟ ଲୋଡ଼ାଯାଇଥିଲା । ଅଟକ ରଖିଥିବା କର୍ତ୍ତୃପକ୍ଷ ତାଙ୍କ ପାଳିରେ 21.10.97 ତାରିଖରେ ପ୍ରାୟୋଜକ କର୍ତ୍ତୃପକ୍ଷଙ୍କ ମତାମତ ଲୋଡ଼ିଥିଲେ । ପ୍ରାୟୋଜକ କର୍ତ୍ତୃପକ୍ଷ 24.10.97 ତାରିଖରେ ତାଙ୍କର ମନ୍ତବ୍ୟ ଦେଇଥିଲେ ଏବଂ ସେଗୁଡ଼ିକୁ ପୋଲିସ କମିଶନଙ୍କ ଦ୍ୱାରା 28.10.97 ତାରିଖରେ ସରକାରଙ୍କ ନିକଟକୁ ପଠାଇଥିଲେ । ଏହି ଆବେଦନକୁ ସରକାର 10.11.97ରେ ପ୍ରତ୍ୟାଖ୍ୟାନ କରିଥିଲେ । ରାଜ୍ୟ ସରକାରଙ୍କୁ 15.10.97 ଏବଂ 10.11.97 ମଧ୍ୟରେ ଆବେଦନ ସହିତ କିପରି

କାର୍ଯ୍ୟ କରାଯାଇଥିଲା, ତାହା ବ୍ୟାଖ୍ୟା କରିବାକୁ କୁହାଯାଇଥିଲା । 17.10.97 ରେ ଅଟକ ରଖିଥିବା କର୍ତ୍ତୃପକ୍ଷଙ୍କ ମନ୍ତବ୍ୟ ଆହ୍ଵାନ କରିବା ବ୍ୟତୀତ, ସରକାର କାହିଁକି ଅଟକ କର୍ତ୍ତୃପକ୍ଷଙ୍କ ମନ୍ତବ୍ୟ ଆହ୍ଵାନ କରିବା ଆବଶ୍ୟକ ହୋଇଗଲା, ତାହା ବ୍ୟାଖ୍ୟା କରିବାରେ ବିଫଳ ହୋଇଛନ୍ତି । ଏପରିକି 12.5.98ରେ ଏହି ନ୍ୟାୟାଳୟ ଦ୍ୱାରା ଉତ୍ତରଦାତାମାନଙ୍କୁ S.L.P.ରେ ଉଠାଯାଇଥିବା ଯୁକ୍ତିଗୁଡିକ ସହିତ ଏକ ପ୍ରତି ସତ୍ୟପାଠ ଦାଖଲ କରିବା ପାଇଁ ସୁଯୋଗ ଦିଆଯିବା ପରେ ମଧ୍ୟ ସରକାର କୌଣସି ପ୍ରତିବାଦ ଦାଖଲ କରିପାରି ନାହାଁନ୍ତି ଏବଂ କାହିଁକି ଏହା ଅଟକ କର୍ତ୍ତୃପକ୍ଷଙ୍କ ମନ୍ତବ୍ୟ ଲୋଡ଼ିଥିଲେ ଏବଂ 21.10.97 ରୁ 10.11.97 ପର୍ଯ୍ୟନ୍ତ ଅଟକବନ୍ଦୀଙ୍କ ନିବେଦନକୁ ବିଚାରକୁ ନ ନେବାର କାରଣ କ'ଣ ଥିଲା ତାହା ବ୍ୟାଖ୍ୟା କରିନାହାଁନ୍ତି । ଯଦିଓ ବିଳମ୍ବ ବହୁତ ଦିନର ନୁହେଁ, ତଥାପି ଏହା ଅସ୍ପଷ୍ଟ ହୋଇ ରହିଛି । ଯଦିଓ ବିଳମ୍ବ ନିଜେ ଘାତକ ନୁହେଁ, ତଥାପି ଯେଉଁ ବିଳମ୍ବ ଅବ୍ୟକ୍ତ ରହିଥାଏ ତାହା ଅଯୌକ୍ତିକ ହୋଇଯାଏ । ଏହି ସୁପରିଚିତ ଆଇନଗତ ସ୍ଥିତି ସତ୍ତ୍ୱେ ରାଜ୍ୟ ସରକାର ଯଥାସମ୍ଭବ ଅଟକ ବନ୍ଦୀଙ୍କ ନିବେଦନ ଉପରେ ଯଥାଶୀଘ୍ର କାର୍ଯ୍ୟ କରିଥିବାର ସନ୍ତୋଷଜନକ ବ୍ୟାଖ୍ୟା କରିବାରେ ବିଫଳ ହୋଇଛନ୍ତି । ଏହା ଦେଖାଯାଉଛି ଯେ ପ୍ରତିଷେଧକ ଅଟକ ପ୍ରସଙ୍ଗରେ ସଠିକ୍ ଆଇନଗତ ସ୍ଥିତି ଏବଂ ଏହାର ଦାୟିତ୍ୱ ବିଷୟରେ ଅଣଦେଖା କରି ଏହା ନିୟମିତ ଭାବରେ ଅଟକ ବନ୍ଦୀଙ୍କ ନିବେଦନ ସହିତ କାର୍ଯ୍ୟ କରିଛି । ସରକାରଙ୍କ ଏହି ଉଦାସୀନତା ଅଟକ ବନ୍ଦୀ ଙ୍କୁ କ୍ରମାଗତ ଅଟକ ରଖିବା ଅବୈଧ ହେବାର କାରଣ ଅଟେ । ତେଣୁ, ଆମେ ଏହି ଆବେଦନକୁ ଅନୁମତି ଦେଉଛୁ, ଅଟକର ଆକ୍ଷେପିତ ଆଦେଶକୁ ରଦ୍ଦ ଏବଂ ଖାରଜ କରୁଛୁ ଏବଂ ନିର୍ଦ୍ଦେଶ ଦେଉଛୁ ଯେ ଅନ୍ୟ କୌଣସି ମାମଲା ପାଇଁ ଜେଲରେ ତାଙ୍କର ଉପସ୍ଥିତି ଆବଶ୍ୟକ ନହେଲେ ଅଟକବନ୍ଦୀଙ୍କୁ ତୁରନ୍ତ ମୁକ୍ତ କର ।

ଆଇ.ଏମ୍.ଏ. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମା ରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଧିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**

ସୁମିତ୍ରା ସାହୁ ,ଅନୁବାଦିକା,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।